# ପିଲାଙ୍କ ଧରିତ୍ରୀ

ଶନିବାର, ୨୨ ଜାନୁୟାରୀ, ୨୦୨୨



୭
କହିଲ ଦେଖି

୮
ଆଇନା

# ସଂଗ୍ରାମୀ ସୁଭାଷ



କଟକ ଓଡ଼ିଆ ବଜାରର ଜାନକୀନାଥ ଭବନରେ ୧୮୯୭ ମସିହା ଜାନୁୟାରୀ ୨୩ରେ ଜନ୍ମଗ୍ରହଣ କରିଥିଲେ ସୁଭାଷ ଚନ୍ଦ୍ର ବୋଷ। ପିତା ଜାନକୀନାଥ ବୋଷ ଓ ମାତାଙ୍କ ନାମ ପ୍ରଭାବତୀ ଦେବୀ।

ପିଲାଟିଦିନୁ ସେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳିତ, ନିଷ୍ପେଷିତ, ଅବହେଳିତ ବର୍ଗଙ୍କ ସେବା କରି ବେଶ୍ ଖୁସି ହେଉଥିଲେ। କଟକରେ ଯେତେବେଳେ ହଇଜା, ବସନ୍ତ ଆଦି ମହାମାରୀରେ ଲୋକେ ଆକ୍ରାନ୍ତ ହେଉଥିଲେ, ସୁଭାଷ ସେମାନଙ୍କର ସେବା କରିବା ପାଇଁ ଆଗେଇ ଆସୁଥିଲେ। ରେଭେନ୍ସା କଲିଜିଏଟ୍ ସ୍କୁଲରୁ ମାଟ୍ରିକ୍ ପାସ କଲାପରେ କୋଲକାତାର ପ୍ରେସିଡେନ୍ସୀ କଲେଜରେ ନାମ ଲେଖାଇଥିଲେ। ସେହି କଲେଜରେ ସେ ଭାରତ ବିରୋଧୀ ପ୍ରଫେସର ଓଟେନ୍‌ଙ୍କୁ ବିରୋଧ କରିବାରୁ କଲେଜରୁ ତାଙ୍କୁ ବହିଷ୍କାର କରାଯାଇଥିଲା। ତା'ପରେ ସେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଆଧାତ୍ମିକ ବିଜ୍ଞାନରେ ଶିକ୍ଷାଲାଭ କଲେ। ପ୍ରଶାସନିକ ସେବା ଆଇ.ସି.ଏସ୍. ପରୀକ୍ଷାରେ ଚତୁର୍ଥ ସ୍ଥାନ ପାଇଥିଲେ ସତ ମାତ୍ର ଭଲ ଚାକିରି କରିବା ବଦଳରେ ସେ ମାତୃଭୂମିର ସେବାରେ ନିଜକୁ ନିୟୋଜିତ କରିଥିଲେ।

ସେ ଭାରତର ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଜାତୀୟ କଂଗ୍ରେସର ସଭାପତି ହୋଇଥିଲେ। କିନ୍ତୁ ମହାତ୍ମା ଗାନ୍ଧୀଙ୍କ ସହ ତାଙ୍କର ମତପାର୍ଥକ୍ୟ ଯୋଗୁ ସେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ୧୯୪୧ରେ ସେ ଲୁଚିକରି ବର୍ଲିନ୍ ଚାଲି ଯାଇଥିଲେ। ସେଠାରେ ସେ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରି ସଂଗ୍ରାମ ଜାରି ରଖିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର ପରାଜୟ ହେତୁ ଆଜାଦ୍ ହିନ୍ଦ୍ ଫୌଜର ମଧ୍ୟ ପରାଜୟ ଘଟିଲା। ଏହାର କିଛିଦିନ ପରେ ନେତାଜୀ ଏକ ଉଡ଼ାଜାହାଜ ଦୁର୍ଘଟଣାରେ ପ୍ରାଣ ହରାଇଲେ ବୋଲି କୁହାଯାଏ, ମାତ୍ର ଏହି ସତ୍ୟତାର ଅନୁସନ୍ଧାନ ଏବେ ବି ଜାରି ରହିଛି। ନେତାଜୀଙ୍କର ବଳିଷ୍ଠ ନେତୃତ୍ୱ, ଅଦ୍ଭୁତପୂର୍ବ ବ୍ୟକ୍ତିତ୍ୱ, ଦୃଢ଼ ମନୋବଳ, ନିଷ୍ଠା, ସଂଗ୍ରାମ କରିବାର ଆପ୍ରାଣ ଉଦ୍ୟମ ତାଙ୍କୁ ଭାରତବର୍ଷର ଇତିହାସରେ ଚିର ଅମ୍ଳାନ କରି ରଖିବ।

**–ମୀରା ବେଉରା**
ରଘୁନାଥଜିଉ ମହାବିଦ୍ୟାଳୟ, ଦେଉଳସାହି, କଟକ
ମୋ:୯୮୫୩୩୫୦୩୮୪

ଗପ

# ଗଣତନ୍ତ୍ରର ମୂଲ୍ୟବୋଧ

ଜାନୁୟାରୀ ଛବିଶ ତାରିଖର ଶୀତୁଆ ସକାଳରେ ପତାକା ଉତ୍ତୋଳନ ସରି ଯାଇଥିଲା। ଅଫିସ୍ ବାହାରେ ଗଦା ହେଇଥିଲା ବହୁତ ମିଠା ପ୍ୟାକେଟ୍। ସବୁ କର୍ମଚାରୀ ଗଣତନ୍ତ୍ର ଦିବସ ପାଳନ କରି ସକାଳର କଅଁଳିଆ ଖରା ପୁଇଁ ହେଉଥିଲେ ଏକାଠି ବସି। ଠିକ୍ ସେତକି ବେଳେ ଚିରା ଫଟା ପୋଷାକ ପିନ୍ଧି ଭୀକାରିଟିଏ ଆସିଲା। ସେ ସେହି ମିଠା ପ୍ୟାକେଟ୍ ସବୁକୁ ଦେଖୁଥିଲା ତନ୍ନ ତନ୍ନ କରି। ହଠାତ୍ ତାକୁ ଦେଖି ଅଫିସ୍‌ର ବଡବାବୁ ବିନୋଦ ବିହାରୀ ଚିହିଁକି ଉଠି କହିଲେ,' ରାମ ଚରଣ,ଏ ଭିକାରୀ ଏଠି କ'ଣ କରୁଛି ? ତାକୁ ଶୀଘ୍ର ବାହାର କର ଏଠାରୁ..'



ଏହା ଶୁଣି ପିଅନ ରାମ ଚରଣ ଦଉଡି ଗଲା ଭିକାରୀ ପାଖକୁ ଆଉ ତା' ହାତକୁ ଧରି ଗେଟ୍ ବାହାରେ ଛାଡି ଦେଇ ଆସିଲା। ହଠାତ୍ ଭିକାରୀଟି ଅଟକିଗଲା କିଛିକ୍ଷଣ ପାଇଁ। ସେ ନଇଁ ପଡି ତଳୁ ଗୋଟିଏ ଜାତୀୟ ପତାକା ଥିବା ଟୋପିଟିଏ ଉଠେଇ ଆଣିଲା ଆଉ ଝାଡି ଝୁଡି ନିଜ ମୁଣ୍ଡ ଉପରେ ପିନ୍ଧି ଦେଇ ସାଲ୍ୟୁଟ୍ କଲା ଉଡୁଥିବା ପତାକାକୁ।

'ହେଇ ଦେଖ..ଏଇ ଭିକାରୀଟା ବି ପାଳନ କଲାଣି ଗଣତନ୍ତ୍ର ଦିବସ'! ବିନୋଦ ବିହାରୀଙ୍କର ଏଇ କଥା ପଦକ ଶୁଣି ହସିବାକୁ ଲାଗିଲେ ସମସ୍ତେ।

ସମସ୍ତଙ୍କୁ ହସୁଥିବା ଦେଖି ଭିକାରୀଟି ମଧ୍ୟ ହସିଦେଲା ଟିକିଏ ଆଉ କହିଲା,'ବାବୁ..! ମୁଁ ଭିକାରୀଟିଏ ହେଲେ ମଧ୍ୟ ଜାତୀୟ ପତାକାର ଗରିମା ବିଷୟରେ ଜାଣିଛି। ତାକୁ ସମ୍ମାନ ଦେବା ଶିଖିଛି। ମୁଁ ଭିକ ମାଗି ଚଳେ, ହେଲେ ମୁଁ ମୋ ଦେଶକୁ ସମ୍ମାନ ଦେଇ ଜାଣେ।

ଭିକାରୀର ଏଇ କେଇ ପଦ କଥା ଶୁଣି ସମସ୍ତଙ୍କର ମୁଣ୍ଡ ନଇଁଗଲା ଲଜ୍ଜାରେ। ତା'ପରେ ବିନୋଦ ବିହାରୀ ନିଜେ ଆସି ଭିକାରୀକୁ ସ୍ୟାଲୁଟ୍ କରି ମିଠା ପ୍ୟାକେଟ୍‌ଟିଏ ଧରେଇ ଦେଇ କହିଲେ,'ତୁମେ ଠିକ୍ କହିଛ। ଏ ଦେଶ ଆମ ସମସ୍ତଙ୍କର ଆଉ ଏଠି ଗଣତନ୍ତ୍ର ଦିବସ ପାଳିବାର ଅଧିକାର ସମସ୍ତଙ୍କର ଅଛି'।

**–ମନୋଜ କୁମାର ବେହେରା**
ୟୁନିଟ–୯,ବାୟାବାବା ମଠ ଲେନ, ଭୁବନେଶ୍ୱର
ମୋ:୭୯୭୮୮୩୦୬୧୧

# ମତାମତ

▶▶ 'ତୁମ ତୂଳୀରୁ' ସ୍ତମ୍ଭଟିରେ ବାହାରୁଥିବା ଚିତ୍ରଗୁଡ଼ିକ ଆକର୍ଷଣୀୟ ଲାଗୁଛି। ଏହା ପିଲାଙ୍କୁ ଅଧିକ ଚିତ୍ର ଆଙ୍କିବାକୁ ଉତ୍ସାହିତ କରିବ।

**– ବିଶ୍ୱରୂପା ମୁଦୁଲି, ଭଞ୍ଜନଗର, ଗଞ୍ଜାମ**

▶▶ 'ମହାପୁରୁଷଙ୍କ ପିଲାଦିନ' ପଢ଼ି ସେମାନଙ୍କ ବିଷୟରେ ଅନେକ ନୂଆ କଥା ଜାଣିବାକୁ ମିଳିଲା।

**– ରାକେଶ ରଞ୍ଜନ, ବେଲପଡ଼ା, ବଲାଙ୍ଗୀର**

▶▶ 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭରେ ସବୁବେଳେ ନୂଆ ନୂଆ ବିଷୟରେ ବାହାରୁଥିବାରୁ ପଢ଼ିବାକୁ ଭଲ ଲାଗୁଛି ଏବଂ ଏହି ସ୍ତମ୍ଭ ବେଶ୍ ଶିକ୍ଷଣୀୟ ହୋଇପାରୁଛି।

**– ପ୍ରିୟବ୍ରତ ସାମନ୍ତସିଂହାର, ଭୁବନ, ଢେଙ୍କାନାଳ**

▶▶ ଏଥରର 'କବିତା' ସ୍ତମ୍ଭରେ ପ୍ରକାଶିତ 'ଗୁଡ଼ି' ସମ୍ପର୍କିତ କବିତାଗୁଡ଼ିକ ବେଶ୍ ମନଛୁଆଁ ହୋଇପାରିଛି।

**– ଚିନ୍ମୟୀ ସାହୁ, ଘଟଗାଁ, କେନ୍ଦୁଝର**

▶▶ 'କହିଲ ଦେଖି' ସ୍ତମ୍ଭଟିରେ ଉତ୍ତର ଦେବାକୁ ଖୁବ୍ ମଜା ଲାଗୁଛି।

**– ପୁଷ୍ପକ ବଳିଆରସିଂ, ବିଜେପୁର, ବରଗଡ଼**

# ଖିଲି ଖିଲି ହସ

**(ପପୁ–ଶିକ୍ଷକଙ୍କ ମଧ୍ୟରେ କଥାବାର୍ତ୍ତା)**

ଶିକ୍ଷକ–କହିଲୁ ପପୁ, ବସ୍‌ରେ ଡ୍ରାଇଭର୍ ଆଉ କଣ୍ଡକ୍ଟର ମଧ୍ୟରେ ପାର୍ଥକ୍ୟ କ'ଣ ?

ପପୁ (କିଛି ସମୟ ଭାବିଲା ପରେ)– ସାର୍! ବସ୍‌ରେ କଣ୍ଡକ୍ଟର ଯଦି ଶୋଇପଡ଼େ, ଆମମାନଙ୍କର ଟିକେଟ୍ ଆଉ କଟା ହୁଏନି, ହେଲେ ଯଦି ଡ୍ରାଇଭର୍ ଶୋଇପଡ଼େ, ତେବେ ସମସ୍ତଙ୍କର ଟିକେଟ୍ ଏକା ସମୟରେ କଟା ହୋଇଯାଏ।

**(ରାଜୁ କ୍ଲାସରେ ଶୋଇଥିବା ସମୟରେ)**

ଶିକ୍ଷକ– ପିଲାମାନେ, ସବୁ ଭଲରେ ମୋ କଥା ଶୁଣ ଆଉ ମନେରଖ। ଦିଲ୍ଲୀରେ କୁତବମିନାର ରହିଛି।

(ଏହି ସମୟରେ ରାଜୁ କ୍ଲାସରେ ଶୋଇଥିବାର ଦେଖି ଶିକ୍ଷକ ତା' ପାଖକୁ ଯାଇ ପଚାରିଲେ)

ଶିକ୍ଷକ– ରାଜୁ କହିଲୁ, ମୁଁ ଏବେ କ'ଣ କହିଲି ?

ରାଜୁ– ସାର୍! ଆପଣ କହିଲେ– ଦିଲ୍ଲୀରେ କୁତା ବେମାର୍‌ରେ ପଡ଼ିଛି।

**(ପାଠ ପଢ଼ି ପଢ଼ି ବୋର୍ ହୋଇଯିବାରୁ...)**

**ବଣ୍ଟି:** ମମି! ଦିନଯାକ ପାଠ ପଢ଼ି ପଢ଼ି ବୋର୍ ଲାଗିଲାଣି। ଏବେ ଟିକେ ଟି.ଭି. ଦେଖିବି କି ?

**ମମି:** ହଉ, ଟି.ଭି ଦେଖ କିଛି ଅସୁବିଧା ନାହିଁ। ହେଲେ ମନେରଖ, ଟି.ଭି. ସୁଇଚ୍‌କୁ କିନ୍ତୁ ଅନ୍ କରିବୁନି। ଅଳ୍ପ ସମୟ ଟି.ଭି. କୁ ଅନେଇ ଦେ, ତା' ପରେ ପୁଣି ବସି ସେମିତି ପାଠ ପଢ଼ିବୁ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

# ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ଟି ଫଟୋ ସହ ପୁରା ନାମ, ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ଆଦି ଏଠାରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଟଗଲା ଭୀମୁ



# ଗଣତନ୍ତ୍ର ଦିବସ, କିଛି କଥା


**ଆଉ ଦିନ କେଇଟା ପରେ ଆମେ ପାଳନ କରିବାକୁ ଯାଉଛେ ୭୩ତମ ସାଧାରଣତନ୍ତ୍ର ଦିବସ ବା ଗଣତନ୍ତ୍ର ଦିବସ। ୧୯୫୦ ମସିହା ଏହି ଦିନରେ ଆମ ସମ୍ବିଧାନ ପ୍ରଣୟନ ହେଲା, ଆଉ ଆମ ଦେଶ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ମାନ୍ୟତା ଲାଭ କଲା। ତେବେ ଏହି ଦିବସ ଉପଲକ୍ଷେ କିଛି ଅଜଣା କଥାକୁ ନେଇ ଏଥରର ବିଶେଷ ଉପସ୍ଥାପନା...**



୧୯୫୦ ମସିହାରୁ ୨୦୨୨। ଦୀର୍ଘ ୭୨ ବର୍ଷର ଲମ୍ବା ରାସ୍ତା। ଲହୁ ଲୁହରେ ଲବ୍ଧ ଆମ ସଂଗ୍ରାମୀମାନଙ୍କ ତ୍ୟାଗ, ତପସ୍ୟା, ବୀରତ୍ୱ, ଦେଶଭକ୍ତି, ସାଧୁତା, କର୍ତ୍ତବ୍ୟନିଷ୍ଠା ଓ ବଳିଦାନ ବଳରେ ଆମ ଦେଶ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ସାର୍ବଭୌମ୍ୟ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ ରାଷ୍ଟ୍ରର ମାନ୍ୟତା ପାଇଲା। ''ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ''- ଏହି ମନ୍ତ୍ରରେ ସର୍ଭିଁଏ ହେଲେ ଅଭିମନ୍ତ୍ରିତ। ଦେଶ ସ୍ୱାଧୀନ ହେବାର ତିନି ବର୍ଷ ପରେ ଆମ ସମ୍ବିଧାନର ପ୍ରଣେତାମାନେ ଅକ୍ଳାନ୍ତ ଶ୍ରମ ସ୍ୱୀକାର ପୂର୍ବକ ଆମ ପାଇଁ ପ୍ରଣୟନ କଲେ ଭାରତୀୟ ସମ୍ବିଧାନ। ତେଣୁ ଗଣତନ୍ତ୍ର ରାଷ୍ଟ୍ରର ନାଗରିକ ଭାବରେ ପ୍ରତ୍ୟେକ ନାଗରିକ ଆମ ପବିତ୍ର ସମ୍ବିଧାନ ପ୍ରତି ସମ୍ମାନ ଜଣାଇବା ଆବଶ୍ୟକ। ତେବେ ଆମେ ସ୍ୱାଧୀନ ହେଲେ ସତ, ଗଣତନ୍ତ୍ରର ସ୍ୱାଦ ବି ଚାଖିଲେ ; ହେଲେ ଏମିତି ଅନେକ ଘଟଣା ଆମ ଆଖି ଆଢୁଆଳରେ ରହିଯାଇଛି, ଯାହା ଆଜି ବି ଆମ ପାଇଁ ଅଜଣା ଅତୀତ...

■ ଅନେକ ଦିନର ଅପେକ୍ଷା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ପୂର୍ବରୁ ଆମ ସମ୍ବିଧାନ ଲେଖା ଶେଷ ହେଲା। ଭାରତୀୟ ସମ୍ବିଧାନ ଗଠନ ପାଇଁ ୩୦୮ ଜଣଙ୍କୁ ନେଇ ଗଠନ କରାଯାଇଥିବା ଡ୍ରାଫ୍ଟିଙ୍ଗ୍ କମିଟିର ସମସ୍ତ ସଦସ୍ୟ ୧୯୫୦ ମସିହା ଜାନୁୟାରୀ ୨୪ ତାରିଖରେ ଦୁଇଟି ଭାଷା (ଇଂଲିଶ୍ ଏବଂ ହିନ୍ଦୀ)ରେ ଦସ୍ତଖତ କଲେ। ଦେଶର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଏଥିରେ ପ୍ରଥମେ ଦସ୍ତଖତ କରିଥିଲେ। ତେବେ ଫିରୋଜ ଗାନ୍ଧୀ ଅଲଗା ଦୁଇ ଭାଷା ଦେବନାଗରୀ ଏବଂ ରୋମାନ୍ ଭାଷାରେ ନିଜ ଦସ୍ତଖତ କରିଥିବା ବେଳେ ଅବୁଲ କଲାମ୍ ଆଜାଦ୍ ଉର୍ଦ୍ଦୁ ଏବଂ ପୁରୁଷୋତ୍ତମ ଦାସ ଟଣ୍ଡନ ଦେବନାଗରୀ ଭାଷାରେ ଦସ୍ତଖତ କରିଥିଲେ।

■ ଭାରତୀୟ ସମ୍ବିଧାନ ଦୁଇଟି ଭାଷାରେ ଲିଖିତ। ପ୍ରଥମଟି ଇଂଲିଶ୍ ଏବଂ ଦ୍ୱିତୀୟଟି ହିନ୍ଦୀ। ଇଂଲିଶ୍‌ରେ ମୋଟ ୧ ଲକ୍ଷ ୧୭ ହଜାର ୩୬୯ଟି ଶବ୍ଦ ରହିଛି। ଏହି ଦୁଇଟିଯାକ ଭାଷାକୁ ପ୍ରିଣ୍ଟ୍ ବା ଟାଇପ୍ କରା ନ ଯାଇ ହାତରେ ଲେଖାଯାଇଛି। ଆଉ ଏହାକୁ ଲେଖିଥିଲେ ପ୍ରେମ୍ ବେହାରୀ ନାରାଏନ୍ ରାଇଜାଦା, ଯାହା ପ୍ରଥମେ ଡେରାଡୁନ୍‌ରେ ପ୍ରକାଶିତ ହୋଇଥିଲା। ୩୦୮ ଜଣ ଗ୍ରୁପ୍ ମେମ୍ବରଙ୍କୁ ନେଇ ଗଠିତ ଏହି କମିଟିର ମୁଖ୍ୟ ଥିଲେ ଡ. ବି. ଆର୍. ଆମ୍ବେଡକର। ସମ୍ବିଧାନର ପ୍ରତ୍ୟେକଟି ପୃଷ୍ଠା ଶାନ୍ତିନିକେତନର ଦୁଇ ଜଣ ଆର୍ଟିଷ୍ଟ ବେହାର ରାମ ମନୋହର ସିହ୍ନା ଏବଂ ନନ୍ଦଲାଲ୍ ବୋଷ୍‌ଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିଲା। ଆଜି ଯାଏଁ ସମ୍ବିଧାନର ଏହି ପ୍ରକୃତ ଲେଖାକୁ ପାର୍ଲାମେଣ୍ଟରେ ଥିବା ଲାଇବ୍ରେରିରେ ହିଲିୟମ୍ ଭର୍ତ୍ତି ଏକ ବାକ୍ସରେ ସାଇତା ହୋଇ ରଖାଯାଇଛି।




■ ଭାରତ ସମ୍ବିଧାନକୁ ଲେଖିବା ପୂର୍ବରୁ ଡ୍ରାଫ୍ଟିଙ୍ଗ୍ କମିଟିର ସଦସ୍ୟମାନେ ପ୍ରଥମେ ଅନ୍ୟ ଦେଶର ସମ୍ବିଧାନକୁ ତର୍ଜମା କରିଥିଲେ। ଆମେରିକା, ଇଂଲଣ୍ଡ, ଜାପାନ, ଜର୍ମାନୀ, ଫ୍ରାନ୍ସ ଆଦି ଦେଶଗୁଡ଼ିକର ସମ୍ବିଧାନକୁ ଭଲ ଭାବେ ପଢ଼ି ସେଥିରୁ କିଛି କିଛି ଆକ୍ଟ ଆଣି ଆମ ସମ୍ବିଧାନରେ ଉଲ୍ଲେଖ ମଧ୍ୟ କରିଛନ୍ତି। ହେଲେ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଇଂଲଣ୍ଡର ସମ୍ବିଧାନ ଆଉ ଆମର ସମ୍ବିଧାନର ପ୍ରଥମରୁ ଲେଖା ସମାନ, ଯାହା ''ଉଇ ଦ ପିପୁଲ'' ରୁ ଆରମ୍ଭ ହୋଇଛି।

■ ଦେଶ ସ୍ୱାଧୀନ ପରେ ଡ. ରାଜେନ୍ଦ୍ର ପ୍ରସାଦ ରାଷ୍ଟ୍ରପତି ପଦ ଗ୍ରହଣ କରିଥିଲେ। ୧୯୫୦ ମସିହା ଜାନୁୟାରୀ ୨୬ ତାରିଖ ସକାଳ ୧୦.୩୦ଟା ସମୟରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତିଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ୩୧ଟି ବନ୍ଧୁକ ସଲାମି (ଗନ୍ ସାଲ୍ୟୁଟ୍) ଦିଆଯାଇଥିଲା। ଏହି ଦିନ ପ୍ରଥମ ଥର ପାଇଁ ଇଣ୍ଡୋନେସିଆର ରାଷ୍ଟ୍ରପତି ସୁକର୍ଣ୍ଣୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।



■ ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା ସତ, ହେଲେ ସ୍ୱାଧୀନତା ପରେ ଦେଶର ନିଜସ୍ୱ ଜାତୀୟ ସଙ୍ଗୀତ ବୋଲି କିଛି ବି ନ ଥିଲା। ୧୯୧୧ ମସିହାରେ ରବୀନ୍ଦ୍ର ନାଥ ଟାଗୋରଙ୍କ ଦ୍ୱାରା ପ୍ରକାଶିତ ''ଭାରୋତୋ ଭାଗ୍ୟୋ ବିଧାତା'' ପରବର୍ତ୍ତୀ ସମୟରେ ବଦଳି ''ଜନ ଗଣ ମନ''ରେ ପରିଣତ ହେଲା ଏବଂ ସମ୍ବିଧାନରେ ୧୯୫୦ ମସିହା ଜାନୁୟାରୀ ୨୪ ତାରିଖରେ ଏହା ''ଜାତୀୟ ସଙ୍ଗୀତ'' ଭାବେ ଘୋଷିତ ହେଲା। ଏହା ବ୍ୟତୀତ ଟାଗୋର ବାଂଲାଦେଶର ଜାତୀୟ ସଙ୍ଗୀତ ଲେଖିବା ସହ ଶ୍ରୀଲଙ୍କାର ଜାତୀୟ ସଙ୍ଗୀତ ଲେଖିବାରେ ମଧ୍ୟ ନିଜ ଛାପ ଛାଡ଼ି ଯାଇଛନ୍ତି।






୧
ଆଦ୍ୟା ମହାପାତ୍ର
କ୍ଲାସ-୪, ପ୍ରଭୁଜୀ ଇଂଲିସ୍ ମିଡିୟମ ସ୍କୁଲ, ଭୁବନେଶ୍ୱର



୨
ଆଦିତ୍ୟ ମହାପାତ୍ର
କ୍ଲାସ- ୮, କମଳାକାନ୍ତ ହାଇସ୍କୁଲ, ଜୋବ୍ରା, କଟକ



୩
ଜୟ ପ୍ରକାଶ ଲେଙ୍କା
କ୍ଲାସ-୭, ବୋରିକିନା ହାଇସ୍କୁଲ, ଜଗତ୍‌ସିଂହପୁର



୪
ସ୍ୱୟମ ଶାଶ୍ୱତ ହୋତା
କ୍ଲାସ-୮, ଓଡିଶା ଆଦର୍ଶ ବିଦ୍ୟାଳୟ, ବାଙ୍କି, କଟକ



୫
ସୋନମ ପାତ୍ର
କ୍ଲାସ-୫, ଏକାଡେମିକ ହାଇଟ୍ ପବ୍ଲିକ୍ ସ୍କୁଲ, ଭବାନୀପାଟଣା



୬
ଅନନ୍ୟା ଅନୁପମ ରାଉତ
କ୍ଲାସ-୨, ଦିଲ୍ଲୀ ପବ୍ଲିକ ସ୍କୁଲ କଳିଙ୍ଗା, ଫୁଲନଖରା, କଟକ



୭
ଅଭିସୁମତ୍ ସାମଲ
କ୍ଲାସ-୧, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭିଏସ୍.ଏସ୍ ନଗର, ଭୁବନେଶ୍ୱର



୮
ରାମଚନ୍ଦ୍ର ସାହୁ
କ୍ଲାସ-୪, ଏମ୍.ପି. ଆଇ ସରକାରୀ ଉଚ୍ଚ ବିଦ୍ୟାଳୟ, କଟକ




୯
ଆୟୁଷ ସାମନ୍ତରାୟ
କ୍ଲାସ- ୩, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜଟଣୀ, ଖୋର୍ଦ୍ଧା




୧୦
ଆଦିତ୍ୟ ପ୍ରଭୁପ୍ରସାଦ ସାହୁ
କ୍ଲାସ- ୧, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, କେଦାରଗୌରୀ, ଭୁବନେଶ୍ୱର



୧



୨




୬




୩




୪



୫




୭




୮



୯



୧୦



# କବିତା



## ଆଜି ସିନା ଆମେ

ଆଜି ସିନା ଆମେ ଦୁନିଆ ଆଗରେ
ହୋଇଅଛୁ ଛୋଟ କଢ଼
କାଲିକୁ ଫୁଟିବୁ ବାସ ମହକାଇ
ହୋଇଯିବୁ ଆମେ ବଡ଼।
ଗାନ୍ଧୀ ପରି ଆମେ ଅହିଂସା ନୀତିରେ
ଚଳାଇବୁ ଆମ ଦେଶ
ଜାତି ଅଜାତିର ତୁଚ୍ଛ ଭାବନାକୁ
କରିଦେବୁ ଆମେ ଶେଷ।
ଗୋପବନ୍ଧୁ ପରି ଜଗତ ହିତରେ
ଲଗାଇ ଦେବୁ ଜୀବନ
ଦୁଃଖୀ ଦରିଦ୍ରଙ୍କ ଲୁହ ପୋଛିଦେବୁ
ଏଇତ ଆମ ସପନ।
ସୁଭାଷଙ୍କ ପରି ବୀର ହେବୁ ଆମେ
ଦେଶ ପାଇଁ ଦେବୁ ପ୍ରାଣ
ଜନମ ମାଟିର ସମ୍ମାନ ରଖିବୁ
ମାଆକୁ କରି ପ୍ରଣାମ।
ବକ୍ସି ଜଗବନ୍ଧୁ, ତାନ୍ତିଆ ପରି
ଲଢ଼ିବୁ ବଇରି ସାଥେ
ମାତୃ ବନ୍ଦନା ଗାଇ ଆନନ୍ଦେ
ଚାଲିବୁ ସତ୍ୟର ପଥେ।

**-ବାସନ୍ତୀ ଦାସ**
ଭୀମଟାଙ୍ଗୀ, ଭୁବନେଶ୍ୱର

## ଜାତୀୟ ଦିବସ

ବିଦେଶୀ ନେଲେଣି ଦେଶରୁ
ମେଲାଣି
ମୁକତି ପାଇଛି ଦେଶ
ଶାନ୍ତି ଅହିଂସାର ଧରମ ଯୁଦ୍ଧ ତ
ହୋଇଛି ଦେଶରେ ଶେଷ ।
ନେହେରୁ ସୁଭାଷ ଗାନ୍ଧୀ
ଗୋପବନ୍ଧୁ
ସହି କେତେ କାରା ଦୁଃଖ
ବାଣ୍ଟିଦେଇ ଗଲେ ଦେଶ
ରାଇଜକୁ
ମୁକତି ସଂହତି ସୁଖ ।
ପତାକା ଉଡ଼ିଲା ଫରଫର ହେଇ
ଶାସନ ହୋଇଲା ଗଢ଼ା
ପତାକା ତଳରେ ଜାତୀୟ
ସଂଗୀତ
ସେଦିନୁ ହୋଇଲା ପଢ଼ା ।
ଜାତୀୟ ଦିବସ ଜାତି ଗଉରବ
ରଖିଛି ଦେଶରେ ଟେକ
ଜାନୁଆରୀ ମାସ ଛବିଶ ତାରିଖ
ସବୁବେଳେ ମନେ ରଖ ।
ପତାକା ତଳରେ ହୋଇ
ଏକମେଳି
ଶପଥ ଘେନିବା ଆମେ
ଲାଗିଯିବା ମନ ମରମ ଜଗାଇ
ଦେଶ ଗଢ଼ିବାର କାମେ ।

**-ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର, ସଙ୍ଗଳାଇ, ପିପିଲି,
ପୁରୀ



## ଜନ୍ମମାଟି ପ୍ରତି

ଝୁଙ୍କୁ ସଂସାର ଝୁଙ୍କୁ ବିଚାର
ଛାତ୍ରୀଛାତ୍ର ଗଣ ଆମେ
କୋଳେଇ ନେଇକି ବୁଝାଇ ଦିଅ ହେ
ଧରିତ୍ରୀ ଗୋ ମାତା ସମେ।
ଶୈଶବ ସାରିଲୁ ବାଲ୍ୟତ ପାରୁଛୁ
ନାମ ବିଦ୍ୟାଳୟେ ଧାମେ
ଯାହା ଶିଖି ନେବୁ ଗୁରୁଙ୍କ ବଚନେ
ବଢ଼ିବୁ ମାଟି ମା' ପ୍ରେମେ।
ତୋର ଜଳ ପିଇ ତୋର କୋଳି ଖାଇ
ଜିଇଁ ଯିବୁ ନିଜ କର୍ମେ
ସହିବାର ଶକ୍ତି ସେବାରେ ହିଁ ବ୍ରତୀ
ଭରିଦିଅ ମାତା ମର୍ମେ।
ବିଶାଳ ଜଗତ କ୍ଷୁଦ୍ର ଆମ ହାତ
ଯୋଡୁଅଛି ଦିବ୍ୟ ଧର୍ମେ
ଆଶୀର୍ବାଦ କର ଜନ୍ମମାଟି ମୋର
ବଞ୍ଚିବୁ ତୋହର ନାମେ।

**-ଭାଗୀରଥି ବେହେରା**
ଗୋଷ୍ଠୀ ଶିକ୍ଷା ଅଧିକାରୀ, ଗଞ୍ଜାମ


## ଜନନୀ ଜନମ ଭୂଇଁ

ମଥାରେ ଯାହାର ହିମାଳୟ ଗିରି
ଗଙ୍ଗା ଯେ ଦେଶେ ବହେ,
ମହାନଦୀ ଜଳ କୁଳୁକୁଳୁ ତାନେ
ପରାଣ ଯାହାର ମୋହେ।
ନୀଳ ଢେଉ ମାଳେ ଅସୀମ ସାଗର
ପାଦ ଯା'ର ଦିଏ ଧୋଇ,
ସେହି ତ ଜନନୀ ବୀର ପ୍ରସବିନୀ
ଆମରି ଭାରତ ଭୂଇଁ।
ଆମରି ଜାତିର ଜନକ ଗାନ୍ଧୀ
ସତ୍ୟ ଅହିଂସା ବଳେ,
ବିଦେଶୀ ଶାସନ ହଟାଇ ଦେଶରୁ
ସ୍ୱାଧୀନତା ଆଣିଥିଲେ।

**-ଲଳିତା ଚଲାନ**
ଖଲିଆପାଲୀ, ବରଗଡ଼



# ଏଥରର



- ଆମ ସମ୍ବିଧାନର ପିତା କାହାକୁ କୁହାଯାଏ ?
- ଆମ ଜାତୀୟ ପତାକାର ଡିଜାଇନ୍ କିଏ ପ୍ରସ୍ତୁତ କରିଥିଲେ ?
- ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀର କେଉଁଠାରେ ପରେଡ୍ କରାଯାଏ ?
- ଭାରତର ସମ୍ବିଧାନ ପ୍ରସ୍ତୁତ ହେବା ପାଇଁ କେତେଦିନ ସମୟ ଲାଗିଥିଲା ?
- ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତିଙ୍କୁ କେତୋଟି ବନ୍ଧୁକ ସଲାମି ଦିଆଯାଏ ?

## ଗତଥରର ଉତ୍ତର

- ସି. ଭି. ରମଣ
- ୟୁରୋପ
- ଜେନେଭା
- ସିଲ୍‌ଭାସା
- ୨୦୦୫



# ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଲମ୍ବା କ୍ଷୀରଦାନ୍ତ

ପିଲାମାନେ, ତୁମମାନଙ୍କର ଛୁଆବେଳର କ୍ଷୀରଦାନ୍ତ ଭାଙ୍ଗିବାର ସ୍ମୃତି ଆଜି ବି ତାଜା ଥିବ। କିନ୍ତୁ ତୁମମାନଙ୍କ ପରି ଲ୍ୟୁକ୍‌ଙ୍କ ଅନୁଭୂତି କିଛି ଅଲଗା ଥିଲା, ଯାହାକୁ ନେଇ ସେ ୱାର୍ଲ୍ଡ ରେକର୍ଡ କରିଥିଲେ। ଲ୍ୟୁକ୍ ଯେତେବେଳେ ୮ବର୍ଷର ଥିଲେ, ତାଙ୍କ କ୍ଷୀରଦାନ୍ତକୁ ବାହାର କରାଯାଇଥିଲା। ଏହାର ଲମ୍ବ ୨.୬ ସେ.ମି ଥିଲା। କାନାଡ଼ାର ୯ ବର୍ଷୀୟ ଲ୍ୟୁକ୍ ବୋଲ୍‌ଟନ ଏହି ଦାନ୍ତକୁ ଅତି ଯତ୍ନ ସହକାରେ ସମ୍ଭାଳି ରଖିଛନ୍ତି। ଲମ୍ବା କ୍ଷୀରଦାନ୍ତ ରଖି ବର୍ତ୍ତମାନ ସେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି। ଲ୍ୟୁକ୍‌ଙ୍କ ବାପା କୁହନ୍ତି, ଏତେବଡ଼ ଦାନ୍ତ ପାଟିରେ ରହିବା ଦେଖି ମୁଁ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଥିଲି। କ୍ଷୀରଦାନ୍ତ ପଛରେ ଆଉ ଗୋଟିଏ ଦାନ୍ତ ବଢୁଥିବାରୁ ଏହାକୁ ବାହାର କରିବାକୁ ପଡ଼ିଥିଲା। ଲ୍ୟୁକ୍ ୧୦ ବର୍ଷୀୟ ଓହିଓଙ୍କ ୨.୪ସେମି ଲମ୍ବା ଦାନ୍ତର ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି।





# କହିଲ ଦେଖି



(୧) ବାସ୍ତରି ବର୍ଷ ପୂରିଛି ଏହା
ଡେସ୍ତରିତମ ହେଉଛି କୁହା
ସମ୍ବିଧାନ କାର୍ଯ୍ୟକାରୀ ହୋଇଲା
ଗଣତନ୍ତ୍ର ରାଷ୍ଟ୍ର ମାନ୍ୟ ପାଇଲା
ଜାତୀୟ ଦିବସ ବୋଲି,
ଦେଶରେ ସଭିଏଁ ପାଳନ କରନ୍ତି
ସଂସ୍କୃତି ଆସିଛି ଚାଲି।
ଉ- **ସାଧାରଣତନ୍ତ୍ର ଦିବସ**



(୨) ଜାତିର ଗୌରବ ଜାତିର ଟେକ
ନୁହେଁ ଖାଲି ରଙ୍ଗ କପଡ଼ା ଏକ,
ତିନି ରଙ୍ଗେ ଶୋଭା ପାଏ
ଉପର ରଙ୍ଗଟି ତ୍ୟାଗ ଓ ସାହସ
ମଝିରଙ୍ଗ କହେ ସତ୍ୟ ଶାନ୍ତି ଦେଶ
ଶେଷରଙ୍ଗଟି ତ ସମୃଦ୍ଧି ବିଶ୍ୱାସ,
କୁହ ଦେଶର ପ୍ରତୀକ କିଏ ?
ଉ- **ଜାତୀୟ ପତାକା**

(୩) ବିଶ୍ୱ କବି ଏହା ରଚନା କଲେ
ଦେଶ ପାଇଁ ଏହା ସମର୍ପି ଦେଲେ,
ଜାତୀୟ ଦିବସ ଆସଇ ଯେବେ
ଗାନହୁଏ ଠିଆ ହୋଇ କି ସର୍ବେ,
ଦେଶ ଭକ୍ତି ଭାବ କରଇ ଜାତ
କହିଲ ଦେଖି ଏ କେଉଁ ସଙ୍ଗୀତ ?
ଉ- **ଜାତୀୟ ସଙ୍ଗୀତ**

**-କବିଜ୍ୟୋତି ନିରଞ୍ଜନ ପତି**
ବାଇଁଶିଆ, ମହିମାଗାଦି, ଢେଙ୍କାନାଳ
ମୋ-୯୯୩୮୧୩୩୫୫୯





**ପିଙ୍କ୍ ସିଟି..**

ରାଜସ୍ଥାନର ରାଜଧାନୀ ଜୟପୁର 'ଦି ପିଙ୍କ୍ ସିଟି' ଭାବେ ପରିଚିତ। ଏହି ସ୍ଥାନଟି ପର୍ଯ୍ୟଟକଙ୍କ ପାଇଁ ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ଏଠାରେ ଥିବା କୋଠାର କାନ୍ଥ, ଦୁର୍ଗ, ମ୍ୟୁଜିୟମ୍, ଶପିଂ ମଲ୍ ଆଦି ଗୋଲାପୀ ରଙ୍ଗରେ ସଜ୍ଜିତ ହୋଇଥିବାରୁ ଏହାକୁ 'ଦି ପିଙ୍କ୍ ସିଟି' ଭାବେ ନାମିତ କରାଯାଇଛି। କଳା, ସଂସ୍କୃତିରେ ମଧ୍ୟ ଏହି ରାଜ୍ୟଟି ବେଶ୍ ଭରପୂର।

# ଜଣା ଅଜଣା



**ଟଟକା ଫଳମୂଳ ଓ ସ୍ୱାସ୍ଥ୍ୟ**

–ଶରୀରକୁ ସୁସ୍ଥ ରଖିବା ପାଇଁ ଟଟକା ଫଳମୂଳ ଖାଇବା ନିହାତି ଆବଶ୍ୟକ। ସବୁଜ ଫଳ ଅସ୍ଥି ଓ ଦାନ୍ତକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ସେହିପରି ନାଲି ଫଳରେ ଆଣ୍ଟି–ଅକ୍ସିଡାଣ୍ଟ ଭରି ରହିଛି, ଯାହା ହୃତ୍‌ପିଣ୍ଡ (ହାର୍ଟ)କୁ ସୁରକ୍ଷା ଦେଉଥିବାବେଳେ ନୀଳ ଓ ବାଇଗଣି ରଙ୍ଗର ଫଳ ସ୍ମରଣ ଶକ୍ତି ବଢ଼ାଇଥାଏ।



**ମନୁଷ୍ୟ ଶରୀରରେ ଅସ୍ଥି ରହସ୍ୟ**

– ପିଲାଏ ଜାଣିଛ କି, ମଣିଷ ଶରୀରରେ ସାଧାରଣତଃ ୨୦୬ ଖଣ୍ଡ ଅସ୍ଥି ଥାଏ। ନବଜାତ ଶିଶୁ ଶରୀରରେ ୩୦୦ ଖଣ୍ଡ ହାଡ଼ ଥିବାବେଳେ ବୟସ ବଢ଼ିବା ସହ ଏହା ୨୦୬ରେ ପରିଣତ ହୋଇଥାଏ ।






**ଥଣ୍ଡାରେ ଉଡ଼ିପାରନ୍ତି ନାହିଁ ପ୍ରଜାପତି**

–ପ୍ରଜାପତିମାନଙ୍କ ରକ୍ତ ସାଧାରଣତଃ ଥଣ୍ଡା ଥାଏ। ଯେତେବେଳେ ବାୟୁମଣ୍ଡଳର ତାପମାତ୍ରା ୩୦° ସେଲ୍‌ସିୟସ୍ ତଳକୁ ଆସିଯାଏ, ସେତେବେଳେ ଏମାନେ ଆଉ ଉଡ଼ି ପାରନ୍ତି ନାହିଁ।

**ଅଧିକ ଜଙ୍ଗଲ ଥିବା ଦେଶ**

– ରୁଷିଆ ଏଭଳି ଏକ ଦେଶ, ଯାହା କେବଳ ଆୟତନ ଦୃଷ୍ଟିରୁ ବଡ଼ ନୁହେଁ, ବରଂ ଏଠାରେ ଅଧିକ ସଂଖ୍ୟକ ଗଛ ମଧ୍ୟ ରହିଛି। ଦେଶର ଶତକଡ଼ା ୪୫ ପ୍ରତିଶତ ସ୍ଥାନ ଅର୍ଥାତ୍ ୮୨,୪୯,୩୦୦ ବର୍ଗ କିଲୋମିଟର କେବଳ ଜଙ୍ଗଲରେ ହିଁ ପୂର୍ଣ୍ଣ।



# ଆ ଇ ନା



ସାଇଶ୍ରୀ
୫ ବର୍ଷ

ଶ୍ରୀୟଦିତା
୬ ବର୍ଷ



ଅକ୍ଷରା
୧୨ ବର୍ଷ

